ଧରିତ୍ରୀ
DHARITRI

October 25-31, 2020 ₹ 2/-

# ଛୁଟିଦିନ




# ମା'

୩
ପ୍ରଚ୍ଛଦ ପ୍ରସଙ୍ଗ

ସନ୍ତାନ ପାଇଁ ଯାହାଙ୍କ ହୃଦୟରୁ ଝରିପଡେ ଅମୃତର ବାରିଧାରା ସେ ତ ମା'। କିନ୍ତୁ ଏମିତି ବି ମା' ଅଛନ୍ତି ଯିଏ ସାରା ଦୁନିଆର ଚିନ୍ତାରେ ଚିନ୍ତିତ। ଯିଏ ନିଜ ସ୍ନେହ ପଣତରେ ସାହାରା ଦେଇଛନ୍ତି ସାରା ଦୁନିଆକୁ। ସେମିତି କେତେଜଣ ମା'ଙ୍କ ସମ୍ପର୍କରେ...

୪
ସିନେମା






# ପୂଜା ଫ୍ୟାଶନ



ପୂଜା ଅବସରରେ ମହିଳାମାନେ ହଳଦିଆ, ଲାଲ ରଙ୍ଗର ହାଲ୍‌କା ଓ ମୁଲାୟମ କୋଟା ଡୋରିଆ ଶାଢି ପିନ୍ଧିପାରିବେ। ଏହାବାଦ କେପ୍ କିମ୍ବା ଫ୍ରଣ୍ଟ ସ୍ଲିଟ୍ କୁର୍ତ୍ତି ବି ପିନ୍ଧି ପାରିବେ। ବ୍ରାଇଟ୍ କଲର୍‌ର ଫୁଲ ପ୍ରିଣ୍ଟ ଥିବା ସୁଟ୍ ଅବା ସ୍କର୍ଟ ଓ ପ୍ଲାଜୋ ବି ବିକଳ୍ପ ହୋଇପାରେ। ସୁନ୍ଦର କଲର୍ କମ୍ବିନେସନ୍‌ର ଲେହେଙ୍ଗା ଆଜିକାଲି ବଜାରରେ ଉପଲବ୍ଧ ହେଉଛି। ଏହାକୁ ଟ୍ରାଏ କରିପାରିବେ। ତା'ସହ ସୁନ୍ଦର ହେୟାରଷ୍ଟାଇଲ୍ କରିବେ। ଦେଖିବେ ବହୁତ ସୁନ୍ଦର ଦେଖାଯିବେ। ପୁରୁଷମାନଙ୍କୁ ପୂଜା ଅବସରରେ କୁର୍ତ୍ତା ପାଇଜାମା ଭଲ ମାନିଥାଏ। ଏହା ଆରାମଦାୟକ ବି। କଟନ୍‌ର ପୋଷାକ ପୂଜା ସମୟରେ ପିନ୍ଧିବା ଭଲ। ଏହା ଯେମିତି ଭଲ ଦେଖାଯାଏ ସେମିତି ଆରାମଦାୟକ। ଅରେଞ୍ଜ କଲର୍‌ର ପୋଷାକ, ବ୍ରତ ଓ ଉତ୍ସବ ସମୟରେ ପିନ୍ଧିବାକୁ ସମସ୍ତେ ଭଲ ପାଆନ୍ତି। ଏହି ରଙ୍ଗର ପୋଷାକ ସମସ୍ତଙ୍କୁ ଭଲ ଦେଖାଯାଇଥାଏ। ତେବେ ଅଧିକ ଟାଇଟ୍ ପୋଷାକ ପିନ୍ଧନ୍ତୁ ନାହିଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୫-୩୧

**ମେଷ** – ଆରୋଗ୍ୟ ଲାଭ, ପାରିବାରିକ ସୌହାର୍ଦ୍ଦ୍ୟ, ଇତର ଲୋକଙ୍କ ପ୍ରାଦୁର୍ଭାବ, ସନ୍ତାନହେତୁକ ପ୍ରଶଂସା, ଗୁରୁଜନଙ୍କ ସହଯୋଗ, ସାଧାରଣ କଥାରେ ଯୁକ୍ତିତର୍କ, ଆନୁଷ୍ଠାନିକ ଖର୍ଚ୍ଚ ବୃଦ୍ଧି, ଅନିଚ୍ଛାକୃତ ବଦଳି, ମାନସିକ ଅସ୍ଥିରତା।

**ବୃଷ** – ମାନସିକ ଦୃଢତା, ନୂତନକର୍ମ ସମ୍ପାଦନ, ଆର୍ଥିକ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟ, ବିବାଦର ପରିସମାପ୍ତି, ଯାନବାହନରେ ଉନ୍ନତି, ଜମିଜମା କାରବାର ବୃଦ୍ଧି, ମୂଲ୍ୟବାନ ଜିନିଷ କ୍ରୟ, ଭିଜିଲାନ୍ସର ଦାଉ।

**ମିଥୁନ** – ଅର୍ଥ ସମ୍ମାନ ଲାଭ, ଅନୁକୂଳ ବାତାବରଣ, ଯାନ ବାହନ କ୍ରୟ, ଆମଦାନୀ ବାଣିଜ୍ୟାଭିବୃଦ୍ଧି, ଜନସମ୍ପର୍କ ବୃଦ୍ଧି, ଯୋଜନାରେ ସଫଳତା, ପ୍ରଶାସନିକ ସାହାଯ୍ୟ, ଅଫିସିଆଲି କାଗଜପତ୍ର ପ୍ରସ୍ତୁତି।

**କର୍କଟ** – ଅର୍ଥ ସଂକଟ, ମାନସିକ ଅସ୍ଥିରତା, ପାରିବାରିକ ସଦ୍ଭାବ, ଯାତ୍ରାକୁଶଳ, ବାଣିଜ୍ୟର ଅଭିବୃଦ୍ଧି, ବ୍ୟବସାୟରେ ଉନ୍ନତି, ସ୍ୱାସ୍ଥ୍ୟ ଖରାପ। ଆନୁଷ୍ଠାନିକ କାର୍ଯ୍ୟ, ପ୍ରତିବନ୍ଧକ ଦୂରେଇବ, ନୂତନ କର୍ମାରମ୍ଭ, ଅପ୍ରୀତିକର ପରିସ୍ଥିତି।।

**ସିଂହ** – ନୂତନ କର୍ମାରମ୍ଭ, ପାରିବାରିକ ସହଯୋଗ, ସରକାରୀ ସହାୟତା, ବୈଷୟିକ ଉନ୍ନତି, ପଦୋନ୍ନତିର ସୂଚନା, କୋର୍ଟ ସମନ, ମିଳାମିଶାରୁ ସମସ୍ୟା, ବିଦେଶଯାତ୍ରାର ସୁଯୋଗ।

**କନ୍ୟା** – ଅର୍ଥସଂକଟ, ପାରିବାରିକ ଅଶାନ୍ତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଭାଇ ଭଉଣୀଙ୍କ ବିତର୍କ, ପରୋକ୍ଷ ଶତ୍ରୁତା, ପଦୋନ୍ନତିର ମାର୍ଗରୋଧ, ପ୍ରଶାସନିକ ଚାପ, ତୀର୍ଥାଟନର ମଧୁଧା, ଚୁକ୍ତିପତ୍ର ସମ୍ପାଦନ।

**ତୁଳା** – ଅଭାବନୀୟ ପରିସ୍ଥିତି, ବୁଝାମଣାରେ ତ୍ରୁଟି, ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ, ଅସ୍ୱଚ୍ଛଳତାର ଆଶଙ୍କା, ଋଣ ସୂତ୍ରରେ କାରବାର, ପ୍ରତିଯୋଗୀଙ୍କ ସହ ଟକ୍କର, ବନ୍ଧୁଙ୍କ ଆନ୍ତରିକତା, ଗୁପ୍ତ ଶତ୍ରୁତାର ବାଧା।

**ବିଛା** – ଅନୁକୂଳ ବାତାବରଣ, ପ୍ରତ୍ୟୁତ୍ପନ୍ନମତିତାର ସୁଫଳ, କୂଟନୀତିର କାର୍ଯ୍ୟ, ସାଂଗଠନିକ ତତ୍ପରତା, ପୁରାତନବ୍ୟାଧି, ବିଶୃଙ୍ଖଳିତ ଚିନ୍ତା, ଅସହଯୋଗର ସୂଚନା, ଭୁଲ୍ ସଂଶୋଧନ, ମାମଲାର ଦଫାରଫା, ଲୋକ ସମ୍ପର୍କ ବୃଦ୍ଧି।

**ଧନୁ** – ରୋଜଗାରର ସୁଅ, ଲକ୍ଷ୍ୟ ହାସଲର ଆଶା, ଯୁକ୍ତିତର୍କରୁ କଳହ, ସ୍ନାୟବିକ ଦୁର୍ବଳତା, ସହକର୍ମୀଙ୍କ ଅସହଯୋଗ, ଉପରିସ୍ଥଙ୍କ ସହାନୁଭୂତି, ସଭା ସମିତିକୁ ଆହ୍ୱାନ, ଗବେଷଣାରେ ଅଗ୍ରଗତି, ନୀଚସଙ୍ଗରୁ ଅପବାଦ, ପ୍ରତୀକ୍ଷାର ଅନ୍ତ।

**ମକର** – ଆନନ୍ଦାନୁଭୂତି, ବୈଷୟିକ ଉନ୍ନତି, ପାରିବାରିକ ସୌଖ୍ୟ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଉଦ୍‌ଯୋଗ ଭଙ୍ଗ, ସ୍ଥାନତ୍ୟାଗର ଚିନ୍ତା, ଯୋଜନାର ପରିବର୍ତ୍ତନ, ପାରସ୍ପରିକ ସହଯୋଗ, ମନୋମାଳିନ୍ୟ ହ୍ରାସ, ସାମାଜିକ ପ୍ରତିଷ୍ଠା।

**କୁମ୍ଭ** – କର୍ମଜଞ୍ଜାଳ ବୃଦ୍ଧି, ସାମୟିକ ଅସୁସ୍ଥି, ପଡୋଶୀଙ୍କ ସହାନୁଭୂତି, ବନ୍ଧୁସମାଗମ, ଯାନବାହନରେ ସଂସ୍କାର, ଭ୍ରମଣ ସୌଖ୍ୟ, ନୂତନ ସମ୍ପର୍କାରମ୍ଭ, ବିବାଦର ବୁଝାମଣା, ଭିଜିଲାନ୍ସ ଧରପଗଡ, ମାନସିକ ଅସ୍ଥିରତା।

**ମୀନ** – ଶାରୀରିକ ସୁସ୍ଥତା, କଲ୍ୟାଣମୂଳକ କର୍ମ, ସମ୍ମାନ ବୃଦ୍ଧି, ସାହାଯ୍ୟର ପ୍ରତିଶ୍ରୁତି, ଆଲୋଚନାରେ ଦ୍ୱନ୍ଦ୍ୱ, ଯାତ୍ରାରେ କଳହ, ପାରିବାରିକ ମତାନ୍ତର, ପ୍ରତିବନ୍ଧକରୁ ମୁକ୍ତି, ବିଳାସବ୍ୟସନରେ ନିସ୍ପୃହତା, ଅର୍ଥ ବରବାଦ, କୋର୍ଟ ବାଇଦାର ଦୁଶ୍ଚିନ୍ତା, ବନ୍ଧୁଙ୍କ ପ୍ରତାରଣା।

# ପାଠକୀୟ

▶ଏଥର ପ୍ରଚ୍ଛଦ ପ୍ରସଙ୍ଗରେ ବର୍ଣ୍ଣିତ ମୟୂରଭଞ୍ଜର ଗାଁଟି ସତରେ ବେଶ୍ ସୁନ୍ଦର ଓ ଅନ୍ୟ ଗାଁ ପାଇଁ ଉଦାହରଣ। ପିଲାଙ୍କ ପାଠପଢାରେ ମନ ଲାଗିବା ପାଇଁ ଦିଆଯାଇଥିବା ଟିପ୍ସଗୁଡିକ ଭଲ ଲାଗିଲା। ସୃଜନ ପୃଷ୍ଠାର ଗପ କବିତାଗୁଡିକ ବେଶ୍ ମନଛୁଆଁ ହୋଇଥିଲା।

*–ରଶ୍ମିତା ମହାନ୍ତି, ବିନିକା*

▶ଏଥରର 'ପ୍ରଚ୍ଛଦ ପ୍ରସଙ୍ଗ', 'ପରିଚ୍ଛନ୍ନ ଗାଁ ବଦେଇ ଯୋଡ଼ା' ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି। ଏଥିରେ ଗ୍ରାମ୍ୟ ଜୀବନର ଜୀବନ୍ତ ଅନୁଭୂତି ଓ ଚିତ୍ର ପ୍ରଦାନ କରାଯାଇଛି। ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢି ଖୁସି ହେଲି। କାର୍ଟୁନ କର୍ନର ମନଛୁଆଁ ହେଉଛି।

*– ନିରଞ୍ଜନ ସାହୁ, ଗୋପ, ପୁରୀ*

▶ସୃଜନ ପୃଷ୍ଠାରେ ଦିଆଯାଇଥିବା ଗପ 'ଆଖି' ବେଶ୍ ହୃଦୟସ୍ପର୍ଶୀ ଥିଲା। ଅଦୃଶ୍ୟ ଅସୁର କବିତାଟି ପ୍ରାସଙ୍ଗିକ ସମୟକୁ ଆଧାର କରି ହୋଇଥିଲା ଓ ଲେଖା ବହୁତ ଉଚ୍ଚକୋଟୀର ଥିଲା। ପ୍ରଚ୍ଛଦ ପ୍ରସଙ୍ଗରେ ବର୍ଣ୍ଣିତ ଗାଁ ସମ୍ପର୍କରେ ପଢି ଭଲ ଲାଗିଲା।

*–ସୋନାଲିକା ପ୍ରଧାନ, ଚରମ୍ପା, ଭଦ୍ରକ*

▶ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ ପୃଷ୍ଠା ସମେତ ସିନେମା ପୃଷ୍ଠା ବି ବହୁତ ଭଲ ଲାଗିଲା। ମଡେଲ ମିରର୍‌ରେ ଅନ୍ୱେଷା ବେଶ୍ ସୁନ୍ଦର ଦେଖାଯାଉଥିଲେ। ହାଃ ହାଃ ବହୁତ ମଜାଦାର ଥିଲା। 'ଅଟକି ଯାଇଛି ବୟସ' ପାଠଟି ବେଶ୍ ବିସ୍ମୟକର ଥିଲା।

*– ଝୁମ୍‌ଝୁମ୍ ସାହୁ, ଆଠଗଡ, କଟକ*

▶ଅନ୍ଧାରରେ ଚମକୁଥିବା ବଡି ପେଣ୍ଟିଂ ବିଷୟରେ ପଢି ଭଲ ଲାଗିଲା। ବଡି ପେଣ୍ଟିଂର ଫଟୋଗୁଡିକ ବେଶ୍ ଆକର୍ଷକ ଥିଲା। କାର୍ଟୁନ କର୍ନର ମୋର ବହୁତ ପ୍ରିୟ। ସିନେମା ପୃଷ୍ଠାରେ 'ଦୋ ଛକିରେ ପଡିଛନ୍ତି ତାରା', 'ରାନୀଙ୍କ ନୂଆ ଯୋଜନା' ପାଠ ଭଲ ଲାଗିଲା।

*– ଶ୍ରୀକାନ୍ତ ପାହାଡସିଂ, ଗଞ୍ଜାମ*

▶ ପ୍ରିୟ ଛୁଟିଦିନର ସବୁ ପୃଷ୍ଠା ବେଶ୍ ମନ ଛୁଆଁ। ଏଥରର ପ୍ରଚ୍ଛଦ ପ୍ରସଙ୍ଗ ମତେ ବହୁତ ଭଲ ଲାଗିଲା। ଇଚ୍ଛା ହେଲା ଆମ ଗାଁ ବି ଏମିତି ସ୍ୱଚ୍ଛ ଓ ସୁନ୍ଦର ହୋଇଯାଆନ୍ତା କି। ହାଃ ହାଃ ପଢିବାକୁ ଭଲ ଲାଗେ। ସୃଜନ ପୃଷ୍ଠାର ଗପକବିତା ବି ପଢିବାକୁ ଭୁଲେନା।

*– ମାନସୀ ପଣ୍ଡା, ପାତ୍ରପଡା, ଭୁବନେଶ୍ୱର*

▶ ସିନେମା ପୃଷ୍ଠାରେ ସେଲିବ୍ରିଟିଙ୍କ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏଥର ପ୍ରଚ୍ଛଦ ପ୍ରସଙ୍ଗଟି ବହୁତ ଭଲ ଲାଗିଲା। ହାଃ ହାଃ, କାର୍ଟୁନ କର୍ନର ମନଛୁଆଁ ହେଉଛି। ମଡେଲ ମିରର୍‌ରେ ମୁଁ ବି ଫଟୋ ପଠାଇବାକୁ ଚାହେଁ।

*– ଚନ୍ଦ୍ରଶେଖର ବେହେରା, ସାଲେପୁର*

# ସବୁଠୁ ଉଚ୍ଚା ଦୁର୍ଗା ମୂର୍ତ୍ତି

କଳାକାରର କୌଣସି ଧର୍ମ ନ ଥାଏ, କହନ୍ତି ଗୌହାଟିର ୬୧ ବର୍ଷୀୟ ନୁରୁଦ୍ଦିନ ଅହମ୍ମଦ। ସେ ଧର୍ମରେ ମୁସଲମାନ ହୋଇଥିଲେ ହେଁ ତିଆରି କରିଛନ୍ତି ପୃଥିବୀର ସବୁଠାରୁ ଉଚ୍ଚା ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି। ଆଉ ୨୦୧୯ରେ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇଛନ୍ତି। ତେବେ ୯୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତିର ବିଶେଷତ୍ୱ ହେଉଛି ଯେ, ଏହା ବାଉଁଶରେ ତିଆରି। ନୁରୁଦ୍ଦିନଙ୍କୁ ଉକ୍ତ ପ୍ରତିମୂର୍ତ୍ତିକୁ ଗଢିବା ପାଇଁ ୪୦ ଦିନ ସମୟ ଲାଗିଥିଲା। ଏଥିରେ ଉଭୟ ହିନ୍ଦୁ ଓ ମୁସଲମାନ କାରିଗର ତାଙ୍କୁ ସାହାଯ୍ୟ କରିଥିଲେ। ଆଉ କେବଳ ବାଉଁଶ ଓ ଦଉଡି ସାହାଯ୍ୟରେ ତିଆରି ଏହି ପ୍ରତିମୂର୍ତ୍ତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଅନେକେ ଧର୍ମକୁ ନେଇ ନିନ୍ଦା କରିଥିଲେ। କିନ୍ତୁ ନୁରୁଦ୍ଦିନ କହନ୍ତି, କଳାକାର ପାଇଁ ଧର୍ମ ମାନେ ରଖେନା।



# ବିଶେଷ ଚିଠି




ରବିବାର ସକାଳକୁ କରୁଛ ସୁନ୍ଦର
ସାଥେ ଆଣି ଥାଅ ଜଣା ଅଜଣା ଖବର,
ସିନେମାର କଥା ଅବା ଯାତ୍ରା ଜଗତର
ସଭିଙ୍କର ଛୁଟିଦିନ ଭାରି ଆପଣାର।।
ସାହିତ୍ୟର କଥା କୁହ ସୃଜନ ପୃଷ୍ଠାରେ
ପ୍ରଚ୍ଛଦ ପ୍ରସଙ୍ଗ କହେ କଥା ବିସ୍ତୃତ ଭାବରେ,
ହସ ସାଥେ ଆଣି ଥାଏ କାର୍ଟୁନ କର୍ନର୍
ହାଃ ହାଃ ଲାଗଇ ସଭିଙ୍କୁ ସୁନ୍ଦର।।
ସବୁଦିନ ତୁମେ ଏଇମିତି ଆସି
ସବୁ ଅଗଣାରେ ଭରିଦିଅ ଖୁସି ।।

–ବିକାଶ କୁମାର ସାହୁ
କୋରପିଠା , ଓଡଗାଁ , ନୟାଗଡ଼

ଧରିତ୍ରୀ ଛୁଟିଦିନ | ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମା'

**ସନ୍ତାନ ପାଇଁ ଯାହାଙ୍କ ହୃଦୟରୁ ଝରିପଡେ ଅମୃତର ବାରିଧାରା ସେ ତ ମା'। କିନ୍ତୁ ଏମିତି ବି ମା' ଅଛନ୍ତି ଯିଏ ସାରା ଦୁନିଆର ଚିନ୍ତାରେ ଚିନ୍ତିତା ଯିଏ ନିଜ ସ୍ନେହ ପଣତରେ ସାହାରା ଦେଇଛନ୍ତି ସାରା ଦୁନିଆକୁ। ସେମିତି କେତେଜଣ ମା'ଙ୍କ ସମ୍ପର୍କରେ...**

**ଗୋଟିଏ ନୁହେଁ ଏବେ ଶହେ ପିଲାଙ୍କ ମା':** ୨୦୨୦ ମେ' ୩ ତାରିଖର ନିଶାର୍ଦ୍ଧ ରାତି। ପୁରୀ ସ୍ୱର୍ଗଦ୍ୱାରରେ ଜଳୁଥିଲା ଚିତା। ଆଉ ଜଣେ ମହିଳା ବାମ ହାତରେ ଫଟୋଟେ ଧରି ଡାହାଣ ହାତରେ ଦେଉଥିଲେ ମୁଖାଗ୍ନି, ଯାହାଙ୍କୁ ମୁଖାଗ୍ନି ଦେଉଥିଲେ ସେ ଥିଲେ ସ୍ୱାମୀ। ଆଉ ଯାହାର ଫଟୋ ଧରିଥିଲେ ସେ ଥିଲା ତାଙ୍କର ଏକ ମାତ୍ର ପୁତ୍ର। ଯିଏକି ଏକ ସଡକ ଦୁର୍ଘଟଣାରେ ୨୦୧୯ ମେ' ୨୫ ତାରିଖରେ ଏଦୁନିଆ ଛାଡି ଚାଲି ଯାଇଥିଲେ। ବର୍ଷେ ଭିତରେ ସ୍ୱାମୀ ଓ ପୁତ୍ରଙ୍କୁ ହରାଇଥିବା ଏହି ମହିଳା ଜଣକ ଥିଲେ ଅମୀୟବାଳା ପରିଡା। ପେସାରେ ସିନା ଅଧ୍ୟାପିକା, କିନ୍ତୁ ଏକମାତ୍ର ପୁଅକୁ ହରାଇବା ପରେ ଏବେ ଶହ ଶହ ପିଲାଙ୍କ ମା' ପାଲଟି ଯାଇଛନ୍ତି। ଅମୀୟବାଳାଙ୍କ ଗାଁ ନୟାଗଡରେ। ଭୁବନେଶ୍ୱରରେ ସ୍କୁଲ ଶିକ୍ଷା ପରେ ଏସ୍‌ସିଏସ୍ କଲେଜ୍ ଓ ରେଭେନ୍ସାରେ ପିଜି ପରେ ୨୦୦୦ ମସିହାରେ ବାହାଘର ହୁଏ ନାଭାଲ ଅଫିସର ଚଣ୍ଡୀ ପ୍ରସାଦ ବାଗଙ୍କ ସହିତ। ବାହାଘର ପରେ ସେ ଅଧ୍ୟାପକଭାବେ ଯୋଗ ଦିଅନ୍ତି। ୨୦୦୧ ମସିହାରେ ପୁଅର ଜନ୍ମ। ବିଧିର ବିଡମ୍ବନା, ୨୦୦୨ ମସିହାରେ ଏକ ଦୁର୍ଘଟଣାରେ ସ୍ୱାମୀ କୋମାକୁ ଚାଲି ଯାଆନ୍ତି। ୧୮ ଦିନ କୋମାରେ ରହିବା ପରେ ସେ ପୁଣି ସୁସ୍ଥ ହୁଅନ୍ତି। ଅମୀୟବାଳା କୁହନ୍ତି, '୨୦୧୦ ମସିହାରେ ଦିନେ ସେ ତାଙ୍କ ଗାଁ ଛତିଆକୁ ବାହାରିଲେ। ଏଠି ଆମେ ମା' ପୁଅ ଭୁବନେଶ୍ୱରରେ ଥାଉ। ମଟନ୍ ଆଣିଦେଇ କହିଲେ ମୁଁ ଗାଁରୁ ଆସେ ଖାଇବା। ଦିନ ୩ଟାରେ ଫୋନ୍ ଆସିଲା ତାଙ୍କର ଆକ୍ସିଡେଣ୍ଟ ହୋଇଛି ବୋଲି। ହେଲେ ଡାକ୍ତର କହିଲେ ଏହା ବ୍ରେନ୍ ଷ୍ଟ୍ରୋକ ଥିଲା। ତାଙ୍କ ଘର ଲୋକ ଆମ୍ବୁଲାନ୍ସରେ କଟକ ନେଇ ଆସିଲେ। ପାଖରେ ମାତ୍ର ୩୦୦୦ ଟଙ୍କା ଥାଏ। ଡାକ୍ତର କହିଲେ ଏହା ଏମିତି ଏକ କେସ୍ ଯେଉଁଥିରେ ଭଲ ହୋଇ ବଞ୍ଚିବା ୯୯ ପ୍ରତିଶତ ଅସମ୍ଭବ। ତା'ପରେ ତାଙ୍କୁ ଆପୋଲୋ ନେଇ ଆସିଥିଲୁ। ସେଠାରେ କିଛିଦିନ ରହିବା ପରେ ସେଇ କୋମା ଅବସ୍ଥାରେ ଘରକୁ ନେଇ ଆସିଲୁ। ଗୋଟିଏ ଛୋଟିଆ ପିଲାର ଯେମିତି ଯତ୍ନ ନେବାକୁ ହୁଏ ମତେ ଏବେ ସେଇୟା ହିଁ କରିବାକୁ ପଡିଲା। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ଯେତେବେଳେ ତାଙ୍କର ପାଟି ଖୋଲିଲା ସେ ମତେ ମା' ବୋଲି ଡାକିଲେ। ସେ ମୋର ସ୍ୱାମୀ ନୁହଁ, ମୋର ପୁଅ, ଆସ୍ତେ ଆସ୍ତେ ଏଇ ଭାବନା ମୋ ଭିତରେ ବି ଆସିଗଲା। ଆସ୍ତେ ଆସ୍ତେ ଖାଇବା ଓ ନିଜ କାମ କରିବା ଶିଖେଇଲି। ସମ୍ପୂର୍ଣ୍ଣ କଥା ହୋଇପାରନ୍ତିନି। ସେଇ ବେଡ ହିଁ ତାଙ୍କ ଦୁନିଆ ହୋଇଗଲା। ତାଙ୍କୁ ଖୁସି ରଖିବାକୁ ଚେଷ୍ଟା କରେ। ଅଳ୍ପ ଅଳ୍ପ ଚଲାଏ। ପୁଅକୁ ଦେଖି ଖୁସି ହୁଅନ୍ତି। ପୁଅ ବୋଲି ଡାକନ୍ତି। ପୁଅ ବଡ ହେବା ପରେ ତାକୁ ଛୋଟ ଭାଇ ବୋଲି ଡାକିଲେ। ଏମିତି ପରିସ୍ଥିତିକୁ ଆଦରି ନେଇ ପୁଅ ଭିତରେ ମୁଁ ଦୁନିଆକୁ ଦେଖୁଥିଲି। ପୁଅ ମୋର ଜାଭିୟର୍ସରୁ ଦ୍ୱାଦଶ ପାସ୍ କରିଥାଏ। କଲେଜ ଓ ଘର କାମ ସହିତ କିଛି ସମୟ ଗରିବ ଓ ଦୁଃଖୀ ଦରିଦ୍ରଙ୍କ ସେବା କରୁଥାଏ। ମୋ ସହ ମିଶି ପୁଅ ବି କରେ। ୨୦୧୮ ମସିହାରେ ସେ କହିଲା ମା' ଆମେ ଗୋଟେ ଟ୍ରଷ୍ଟ କରି ସେଥିରେ ଅସହାୟ ଲୋକଙ୍କ ପାଇଁ କାମ କରିବା। ତା'ପରେ ମା' ପୁଅ ମିଶି ଗଢିଲୁ ତା' ବାପାଙ୍କ ନାମରେ ଚଣ୍ଡୀ ପ୍ରସାଦ ଫାଉଣ୍ଡେଶନ୍ ଟ୍ରଷ୍ଟ। ଆଉ ଯେଉଁଥିରେ ମାଗଣା ଶିକ୍ଷା, ଅସହାୟଙ୍କୁ ସାହାଯ୍ୟ କରିବା ମୁଖ୍ୟ ଥିଲା। କିନ୍ତୁ ମୋ ପୁଅର ସେ ସ୍ୱପ୍ନ ଅଧାରେ ରହିଗଲା। ୨୦୧୯ ମେ' ୨୫ ତାରିଖ ଦିନ ବରମୁଣ୍ଡା ଓଭରବ୍ରିଜ୍‌ର ଏକ ଆକ୍ସିଡେଣ୍ଟରେ ସେ ଆମକୁ ଛାଡି ଚାଲିଗଲା। ମୋ ପାଇଁ ସେ ହିଁ ଦୁନିଆ ଥିଲା। କିନ୍ତୁ ତା' ବାପାଙ୍କୁ ଏ ବିଷୟରେ କିଛି ଜଣେଇ ନ ଥିଲି। ସବୁବେଳେ ଖୋଜୁଥିଲେ ପୁଅ କାହିଁ? ଛୋଟ ଭାଇ କୁଆଡେ ଗଲା? ଭୋ ଭୋ ହୋଇ କାନ୍ଦେ ହେଲେ ତାଙ୍କ ପାଖରେ ହସିକି ଅଭିନୟ କରିବାକୁ ପଡେ। ସବୁବେଳେ କହେ ପୁଅ ବାଙ୍ଗାଲୋର ଯାଇଛି ପଢିବା ପାଇଁ। ବାପା ସେ, ରକ୍ତର ସମ୍ପର୍କ ରହିଛି। କ'ଣ ଜାଣୁଥିଲେ କେଜାଣି ମନକୁ ମନ ତା' ସହ କଥା ହୁଅନ୍ତି। ତାକୁ ଝୁରି ଝୁରି ଶେଷରେ ୨୦୨୦ ମେ' ୩ ତାରିଖରେ ସେ ମତେ ଛାଡି ଚାଲିଗଲେ। ମୋ ବାପା ମା' ସେତେବେଳେ ବୃନ୍ଦାବନ ଯାଇଥାନ୍ତି। ଲକ୍‌ଡାଉନ୍ ସମୟ। ଘରେ ମୋ ବଡ ଭଉଣୀ ମୋ ପାଖରେ ଥାଆନ୍ତି। ମୁଁ ଚାହିଁଲି ତାଙ୍କର ମୁଖାଗ୍ନି ଦେବା ପାଇଁ। ମୋ ପରିବାର ବି ସେ କଥାରେ ରାଜି ହେଲେ। ପୁରୀ ସ୍ୱର୍ଗ ଦ୍ୱାରରେ ପହଞ୍ଚିବା ପରେ ବ୍ରାହ୍ମଣ କହିଲେ, ମୁଖାଗ୍ନି ତ ଦେବ ମା', ଆଖିରୁ ଲୁହ ଗଡେଇବନି। ମୁଁ ତ ସେତେବେଳେ ପଥର ହେଇ ସାରିଥିଲି। ମୋ ଘର ଉଜୁଡି ସାରିଥିଲା। ତେଣୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପିଲାମାନଙ୍କ ପରିବାରକୁ ଭେଟିଲି। ୧୪ ଜଣ ପରିବାର ଏକାଠି ହେଲେ। ଚିନ୍ତା କଲୁ ରକ୍ତ ଅଭାବରୁ ଯେମିତି କାହାର ଜୀବନ ନ ଯାଏ, ସେଇକଥା ଚିନ୍ତା କରି ଗଢା ହେଲା 'ମାଷ୍ଟର ଗିରିଜା ମେମୋରିଆଲ୍ ରୋଡ୍ ସେଫ୍ଟି ଫାଉଣ୍ଡେସନ୍ ଟ୍ରଷ୍ଟ। ଏବେ ଏହି ଦୁଇଟି ଟ୍ରଷ୍ଟକୁ ନେଇ ମୋ ଜୀବନ। ମୋ ପୁଅ ୨୫ ତାରିଖରେ ଜନ୍ମ ଆଉ ୨୫ରେ ଛାଡି ଚାଲିଗଲା। ତେଣୁ ପ୍ରତିମାସ ୨୫ ତାରିଖରେ କୌଣସି ଗାଁରେ ହେଉ ବା କୌଣସି ସ୍ଥାନରେ ଦୁଃଖୀ ଦରିଦ୍ର ଲୋକଙ୍କର ଖାଇବା ପିଇବା ସହ ସେମାନଙ୍କର ସେବା କରେ। ବସ୍ତି ପିଲାମାନଙ୍କୁ ପ୍ରତି ରବିବାର ପାଠ ପଢଉଛି। ସେମାନଙ୍କ ଦାୟିତ୍ୱ ନେଉଛି। ଏବେ ଏଇଟା ହିଁ ମୋ ଜୀବନ। ବୋଧହୁଏ ଏଇଥିପାଇଁ ଭଗବାନ ମୋ ପାଖରୁ ମୋ ପୁଅକୁ ଛଡାଇନେଲେ। ଯେମିତି କି ମୁଁ ଗୋଟିଏ ପୁଅର ମା' ହେବାକୁ ସେ ଚାହୁଁ ନ ଥିଲେ, ଶହ ଶହ ପୁଅର ମା' ହେବା ପାଇଁ ବୋଧେ ମୋର ଜନ୍ମ ଥିଲା। ଏବେ ବି ବରମୁଣ୍ଡା ଓଭରବ୍ରିଜ ଉପରେ ଯିବାବେଳେ ମତେ ଲାଗେ ମୋ ପୁଅ ମତେ ମାମା ମାମା ଡାକୁଛି। ମୋ କଳିଜାକୁ ଯେମିତି କିଏ ଟାଣିନେଇ ଛାଡିଦିଏ। ପୁଣି ଫେରିଆସେ ଏଇ ପିଲାମାନଙ୍କ ପାଖକୁ, ପୁଅର ସ୍ୱପ୍ନ ପାଖକୁ, ଯାହାକୁ ସାକାର କରିବା ହିଁ ମୋ ଜୀବନର ଏକମାତ୍ର ଲକ୍ଷ୍ୟ।

**ଅଞ୍ଜଳି ପାଇଁ ହେଲା ଅଞ୍ଜଳି ପୋଲ:** କୋରାପୁଟ ପୌର ପରିଷଦ ଅନ୍ତର୍ଗତ ୧୬ନମ୍ବର ୱାର୍ଡରେ ରହିଥିବା ତେନ୍ତୁଳିଗୁଡା ଗ୍ରାମ ସଦରମହକୁମାଠାରୁ ୭ କିମି ଦୂରରେ ରହିଛି। ଗ୍ରାମରେ ରହନ୍ତି ପ୍ରାୟ ୫୦ଟି ପରିବାରର ପ୍ରାୟ ୩୦୦ ଜଣ ଗ୍ରାମବାସୀ। ବର୍ଷ ବର୍ଷଧରି କାଠ ପୋଲ ହିଁ ଗାଁ ପାଇଁ ଏକ ମାତ୍ର ମାଧ୍ୟମ ଥିଲା। କୋରାପୁଟ ସହରଠାରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗାଁରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ବିପଦପୂର୍ଣ୍ଣଭାବେ ଜୀବନକୁ ବାଜି ଲଗାଇ କାଠ ପୋଲ ଦେଇ ଯା' ଆସ କରୁଥିଲେ। ପ୍ରଶାସନକୁ ବାରମ୍ବାର ଗୁହାରି କରୁଥିଲେ ବି କେହି ଶୁଣୁ ନ ଥିଲେ। ହେଲେ ଭାଗ୍ୟ ବଦଳେଇ ଦେଇଥିଲା ଏହି ଗାଁର ଷଷ୍ଠ ଶ୍ରେଣୀର ଛାତ୍ରୀ ଅଞ୍ଜଳି ସୁନା। ସେଦିନ ଜଳସମ୍ପଦ ବିଭାଗର ସଚିବ ପ୍ରଦୀପ ଜେନା ତାଙ୍କ ଗ୍ରାମ ତେନ୍ତୁଳିଗୁଡା ଆସିଥିବାବେଳେ ତାଙ୍କ ସମ୍ମୁଖରେ ସାହସବାନ୍ଧି କେଇପଦ କଥା ନ କହିଥିଲେ ବୋଧହୁଏ ଆଜିଯାଏ ଏହି ଗାଁ ପାଇଁ ବ୍ରିଜ ନିର୍ମାଣ ହୋଇପାରି ନ ଥାନ୍ତା। ଅଞ୍ଜଳିର ସେହି ଉଦ୍ୟମ ଗାଁ ଲୋକଙ୍କ ବର୍ଷ ବର୍ଷର ଦୁଃଖକୁ ପଛକୁ ଠେଲି ଦେଇଛି। ଯେଉଁଥିପାଇଁ ତ ଏହି ବ୍ରିଜର ନାମ ଅଞ୍ଜଳି ରଖାଯାଇଛି। ଘଟଣାଟି ୨୦୧୫ ମସିହାର, ଅଞ୍ଜଳି ଛୋଟ ଥିଲା, ଏବେ ବଡ ହୋଇ ଯୁକ୍ତ ଦୁଇ ପଢିଲାଣି। କିନ୍ତୁ ତେନ୍ତୁଳିଗୁଡା ଗାଁକୁ ସଂଯୋଗ କରୁଥିବା ଏହି ଅଞ୍ଜଳି ବ୍ରିଜ ପଛର କାହାଣୀ ଏବେ ବି ସମସ୍ତଙ୍କ ପାଇଁ ଉଦାହରଣ ହୋଇଛି। ଏ ସମ୍ପର୍କରେ ଅଞ୍ଜଳି କହନ୍ତି– ସେ ଦିନ ଥିଲା ୨୦୧୩ ମସିହା ଜୁଲାଇ ୧୧ ତାରିଖ ରଥଯାତ୍ରା ଦେଖିବାକୁ ଆମେ କୋରାପୁଟ ସହରକୁ ଯାଇଥାଉ। ଫେରିବାବେଳେ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ଆମଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ ଦେଖୁ ଦେଖୁ ଭାସିଗଲା। କିନ୍ତୁ ସୌଭାଗ୍ୟବଶତଃ ଆମେ ରକ୍ଷା ପାଇ ଯାଇଥିଲୁ। ଏହାପରେ ତେନ୍ତୁଳିଗୁଡା ଗ୍ରାମକୁ ଯୋଗାଯୋଗ ବନ୍ଦ ହୋଇ ଯାଇଥିଲା, ଯଦ୍ୱାରା ମାସେ ମାସେ ଧରି ଅଞ୍ଜଳି ପରି →



ଅମୀୟବାଳାଙ୍କ ସଂସାର



ପୁଅ ସହ ଅମୀୟବାଳା



ଅଞ୍ଜଳି

# ଚିତ୍ତ ତୁ ଦିଅ ନୀଲଗିରିବାସୀଙ୍କୁ...

ଆମେ ପୂର୍ବ ସ୍ତମ୍ଭରେ ରାମ ରାଜ୍ୟ ଅଯୋଧ୍ୟାରେ ପ୍ରଥମେ ଆରମ୍ଭ ନ ହୋଇ ଚିତ୍ରକୂଟରେ କାହିଁକି ହେଲା– ଏହାର କାରଣ ଖୋଜୁ ଖୋଜୁ ''ଅନ୍ତଃକରଣ ଚତୁଃଷ୍ଟୟ'କଥା ଆଲୋଚନା କରୁଥିଲେ। ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ହିଁ ଅନ୍ତଃକରଣ ଚତୁଃଷ୍ଟୟ। ଆମର ଜାଗ୍ରତ ଅବସ୍ଥାରେ 'ବୁଦ୍ଧି' ଏବଂ ସ୍ୱପ୍ନାବସ୍ଥାରେ 'ମନ'ର ରାଜୁତି ଚାଲିଥାଏ। ଆମେ ବାହାରକୁ ଯେତେ ଭଦ୍ର ଲୋକ ହେଲେ ବି ସ୍ୱପ୍ନାବସ୍ଥାରେ ମନ କିନ୍ତୁ ଠିକ କହିଦେବ ଆମେ କେତେଦୂର ଠିକ। ଏହି କ୍ରମରେ ''ଉତ୍ତମ ପୁରୁଷର ଲକ୍ଷଣ କ'ଣ'' ବୋଲି ସନ୍ଥ ତୁଳସୀଙ୍କଠାରୁ ଉତ୍ତର ମଧ୍ୟ ଶୁଣିଥିଲେ। ପୁଣି ଜଣେ କେହି ପଚାରିଦେଲା – ଗୋସ୍ୱାମୀ ଜୀ! ଗୋଟିଏ ପତିବ୍ରତା ନାରୀର ଲକ୍ଷଣ କ'ଣ ? ଏହାର ଉତ୍ତର ଦେବାକୁ ଯାଇ ମହାମନା ତୁଳସୀ କହିଲେ–

ଉତ୍ତମ କେ ଅସ ବସ ମନ ମାହିଁ
ସପନେହୁଁ ଆନ ପୁରୁଷ ଜଗ ନାହିଁ (୩/୪/୧୨)

ପତିବ୍ରତା ନାରୀ ହେଉଛି ସେହି ଯେ ଜାଗ୍ରତ ଅବସ୍ଥା ତ ଦୂରର କଥା, ସ୍ୱପ୍ନରେ ବି ପର ପୁରୁଷଙ୍କ କଥା ଭାବୁ ନ ଥିବ। ବ୍ୟକ୍ତିର ବ୍ୟକ୍ତିତ୍ୱକୁ ମୂଲ୍ୟାୟନ କରିବା ପାଇଁ ଗୋସ୍ୱାମୀ ଏଠାରେ ସ୍ୱପ୍ନକୁ ହିଁ ଏକ ମାନକ ବୋଲି ବିଚାର କରିଛନ୍ତି। ମନୁଷ୍ୟର ଯାବତୀୟ ଗୋପନ ଭଲମନ୍ଦ ଗୁଣ ତାହାର ସ୍ୱପ୍ନରେ ହିଁ ପ୍ରତିଭାତ ହୋଇଥାଏ। ଲୋକ ସମାଜରେ ଏହାକୁ ଯେତେ ଲୁଚାଇଲେ ବି ସ୍ୱପ୍ନରେ କିନ୍ତୁ ସେ ନିଜକୁ ନିଜେ ଧରାପଡିଯାଇଥାଏ। ଗୋଟିଏ ଜାଗାରେ ପ୍ରବଚନ ସରିବା ପରେ ସନ୍ନ୍ୟାସୀ ବିଶ୍ରାମ ନେଉଥାଏ। ଜଣେ ୨୦/୨୨ ବର୍ଷ ବୟସ୍କ ବ୍ରହ୍ମଚାରୀ ଆସି ଏକ ଗୋପନ ପ୍ରଶ୍ନ ପୁଛାକଲେ– ଆଜ୍ଞା, ମୁଁ ପ୍ରତିଦିନ ଜପ, ତପ, ସ୍ୱାଧ୍ୟାୟ ଏବଂ ପ୍ରତ୍ୟହ ୧୮ ଅଧ୍ୟାୟ ଗୀତା ପାରାୟଣ କରୁଛି। ହଁ, ଭଲ କଥା– ସନ୍ନ୍ୟାସୀ ଉତ୍ତର ଦେଲା। ହେଲେ ଅସୁବିଧା କ'ଣ ? ଯୁବ ବ୍ରହ୍ମଚାରୀ ଜଣଙ୍କ ଅତି ସନ୍ତର୍ପଣରେ ଧୀର ସ୍ୱରରେ କହିଲେ– ସବୁ ହେଉଛି ଯେ, କିନ୍ତୁ ଏହି ୭/୮ ଦିନ ହେଲା ପ୍ରତିଦିନ ରାତିରେ ସୁନ୍ଦରୀ ସୁନ୍ଦରୀ ଝିଅମାନଙ୍କୁ ସ୍ୱପ୍ନରେ ଦେଖୁଛି। ସେମାନଙ୍କ ସହିତ ଖୁସି ଗପ କରୁଛି। ନିଦ ଭାଙ୍ଗିଲା ପରେ ଭାବୁଛି ଏହା ତ ବ୍ରହ୍ମଚାରୀ ଧର୍ମର ବିରୁଦ୍ଧ ସ୍ୱପ୍ନ। ଦିନସାରା କେତେ ସାଧନା କଲା ପରେ ରାତିରେ ଦେବଦେବୀ, ସାଧୁ ସନ୍ଥ ବା ମଠ ମନ୍ଦିର ବାବଦରେ କିଛି ସ୍ୱପ୍ନ ଦେଖିବା ପରିବର୍ତ୍ତେ ଏ ଝିଅମାନଙ୍କୁ କାହିଁକି ଦେଖୁଛି। ଆଜ୍ଞା, ଏହାର ସମାଧାନ ଦୟାକରି ଟିକେ ବତାନ୍ତୁ।

ଯୁବ ବ୍ରହ୍ମଚାରୀ ଜଣକ ଭଲ ପ୍ରବଚନ ଦେଇପାରନ୍ତି। କଥାଟିର ମୋଡ ବଦଳାଇ ସନ୍ନ୍ୟାସୀ ପଚାରିଲା– ଆଚ୍ଛା, ଆପଣ ଏଇ ନିକଟରେ କେଉଁ କେଉଁ ସ୍ଥାନକୁ ହରିକଥା କହିବା ପାଇଁ ଯାଇଥିଲେ ? ଆଜକୁ ୧୫ ଦିନ ତଳେ ଯାଇଥିଲି ଏକ କନ୍ୟାଶ୍ରମକୁ ପ୍ରବଚନ ଦେବାପାଇଁ। ବ୍ରହ୍ମଚାରୀ ଉତ୍ତର ଦେଲେ

କଥାଟାକୁ ଠିକ ଭାବେ ଠଉରାଇ ପାରିଲି ମୁଁ। ଏକରେ ଯୁବକ। ବେଶଭୂଷା ଯେତେ ପରିବର୍ତ୍ତନ କଲେ ଅବା ଯେତେ ସାଧନା କଲେ ବି ଯୌବନର ଅମାନିଆ ମନ ଟିକେ କ'ଣ କେମିତି ହଲଚଲ ହୋଇଯାଇଛି। ଏହା ଏମିତି ଏକ ରୋଗ ଯେ, ଏହାର ନିଦାନ ସହଜରେ ମିଳେନା। କେବଳ ସଂସାରର ଅସାରତା ବିଷୟରେ, ସୁନ୍ଦର ଶରୀରର କ୍ଷଣଭଙ୍ଗୁରତା ବାବଦରେ ବାର ବାର ଚିନ୍ତା କରି ମନକୁ ସଂଯମ କରିବା ଜରୁରୀ। ସେଥିପାଇଁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଖୁବ ସୁନ୍ଦର କଥାଟିଏ କହିଲେ– ମନସା ବିଚିନ୍ତୟ ବାରମ୍ବାରମ୍। ଅର୍ଥାତ ସଂସାର ହେଉଛି ଅନିତ୍ୟ, କାମ ବାସନା ହେଉଛି ନର୍କର ଦ୍ୱାର– ଏ ବିଷୟରେ ଥରେ କି ଦି ଥର ନୁହେଁ, ବାରମ୍ବାର ଅର୍ଥାତ ସବୁ ସମୟରେ ଚିନ୍ତା କଲେ ହିଁ ବୈରାଗ୍ୟ ଆସିବ ବା ସୁଫଳ ମିଳିବ। ଏହା ଛୋଟିଆ ସାଧନା ନୁହେଁ।

ପାଠକେ, ଚିତ୍ରକୂଟରେ ପ୍ରଥମେ ଏବଂ ଶେଷରେ ଅଯୋଧ୍ୟାରେ କାହିଁକି ରାମରାଜ୍ୟ ସ୍ଥାପନ ହେଲା ଏହାର କାରଣ ଖୋଜୁ ଖୋଜୁ ଆମେ କୁଆଡକୁ ପଳେଇ ଗଲେଣି। ନାହିଁ ବନ୍ଧୁ, ଆମେ ପଥଚ୍ୟୁତ ହୋଇନେ। ଠିକ ଧାରାରେ ଅଛେ। ଦେଖିବେ, ଆଜି ଆମେ ଖୁବଶୀଘ୍ର ଉତ୍ତର ପାଖରେ ପହଞ୍ଚିଯିବା। ଆଚ୍ଛା, ଆପଣ କେବେ ଗଭୀର ନିଦରେ ଶୋଇଥିବେ। ଉଠି ସାରିବା ପରେ ସ୍ତ୍ରୀକୁ ଡାକି କହିବେ– କାଲି ରାତିରେ ମୁଁ ଏମିତି ଶୋଇଥିଲି ଯେ, ମୋର ହତଜ୍ଞାନ ନ ଥିଲା। ଖୁବ ସୁନ୍ଦର ନିଦ। ବହୁତ ଖୁସି ମୁଁ ଆଜି। ହେଲେ



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ନ୍ୟାସୀ**

ପାଠକେ, ଏହି 'ମୁଁ' ଟି କିଏ ଯିଏ ଗଭୀର ନିଦର ରସ ଆସ୍ୱାଦନ କରୁଥିଲା ? ହଁ, ଏହି ମୁଁଟି ହେଉଛି 'ଅହଂକାର'। ଗଭୀର ନିଦ ହେଉଛି ମଣିଷର ସୁଷୁପ୍ତି ଅବସ୍ଥା। ଏଠି 'ବୁଦ୍ଧି'ର ହୁକୁମାତି ନ ଥାଏ। ସ୍ୱପ୍ନ ନ ଥିବାରୁ 'ମନ'ର ପ୍ରାଧାନ୍ୟ ନ ଥାଏ। କେବଳ ଥାଏ ଅହଂକାର।

ଏବେ ଆଲୋଚନାର ଉପସଂହାରକୁ ଓହ୍ଲାଇବା। ଜାଗ୍ରତ ହେଉ, ସ୍ୱପ୍ନ ହେଉ କିମ୍ବା ହେଉ ଅବା ସୁଷୁପ୍ତି– ଏ ସବୁଥିରେ ଗୋଟିଏ ତତ୍ତ୍ୱ କିନ୍ତୁ ମିଶିକରି ଥାଏ। ତାହା ହେଉଛି ଚିତ୍ତ। ଚିତ୍ତକୁ ଛାଡି ମନ, ବୁଦ୍ଧି ଏବଂ ଅହଂକାରର ସ୍ଥିତି ନାହିଁ। ସବୁ ଅବସ୍ଥାରେ ଚିତ୍ତ ଥାଏ। ଗୋଟିଏ ମଣିଷର ଯଦି ଚିତ୍ତରେ ଶୁଦ୍ଧତା ଆସିଗଲା ତେବେ ମନ, ବୁଦ୍ଧି ଓ ଅହଂକାର ଆପେ ଆପେ ଶୁଦ୍ଧ ହୋଇଯିବେ। ଚିତ୍ତ ଯଦି ଭଗବତ ଭକ୍ତିରେ ଭରପୂର ହୋଇଗଲା, ତା' ପଛେ ପଛେ ଆଉ ତିନି ବି ଗୋଡାଇବେ। ସେମାନେ ବି ଆପଣାଛାଏଁ ଭଗବତ ସିକ୍ତ ହେବାକୁ ବାଧ୍ୟ ହେବେ। ଚିତ୍ତ ହେଉଛି ମୂଳ। ମନ, ବୁଦ୍ଧି ଓ ଅହଂକାର ହେଉଛି ଡାଳ। ମୂଳରେ ପାଣି ଦେଲେ ଡାଳ ମଧ୍ୟ ପାଣି ପାଇବ। ଚିତ୍ତକୁ ନ ସଜାଡି ମନ, ବୁଦ୍ଧି ଆଉ ଅହଂକାରକୁ ଠିକ୍ ବାଟକୁ ଆଣିବା ବୃଥା।

ଏବେ ଆସିବା ରାମାୟଣ ପ୍ରସଙ୍ଗକୁ। ପ୍ରଭୁ ଶ୍ରୀରାମ ୪ଟି ସ୍ଥାନରେ ମୁଖ୍ୟତଃ ନିଜର ଲୀଳା କରିଥିଲେ– ଅଯୋଧ୍ୟା, ଚିତ୍ରକୂଟ, ଦଣ୍ଡକାରଣ୍ୟ ଏବଂ ଲଙ୍କା ! ଅଯୋଧ୍ୟା ହେଉଛି ମନୁଷ୍ୟର ଜାଗ୍ରତ ଅବସ୍ଥା। ଏଠି 'ବୁଦ୍ଧି' ହେଉଛି ମାମଲତକାର।

ଦଣ୍ଡକାରଣ୍ୟ ହେଉଛି 'ସ୍ୱପ୍ନାବସ୍ଥା'। ଏଠି ମନ ହେଉଛି ମୁଖ୍ୟ। ଲଙ୍କା ହେଉଛି ସୁଷୁପ୍ତି ଅବସ୍ଥାର ପ୍ରତୀକ। ଏଠାରେ 'ଅହଂକାର' ହେଉଛି ପ୍ରଧାନ। ଆଉ ଚିତ୍ରକୂଟ ? ବାବା ତୁଳସୀ କହିଲେ– ରାମ କଥା ମନ୍ଦାକିନୀ, ଚିତ୍ରକୂଟ ଚିତ୍ତ ଚାରୁ। ଚିତ୍ରକୂଟ ହେଉଛି 'ଚିତ୍ତ'ର ପ୍ରତୀକ। ସନ୍ଥ ତୁଳସୀଙ୍କୁ ଏ ତତ୍ତ୍ୱଟି ଉତ୍ତମ ରୂପେ ଜ୍ଞାତ ଥିଲା ଯେ 'ଚିତ୍ତ' ରୂପି 'ଚିତ୍ରକୂଟ'ରେ ରାମ ରାଜ୍ୟ ସ୍ଥାପନ କରିଦେଲେ ଅନ୍ୟ ସ୍ଥାନମାନଙ୍କରେ ଆପେ ଆପେ ରାମରାଜ୍ୟ ହେବା ସହଜ ହୋଇଯିବ। ସେଥିପାଇଁ ପ୍ରଥମେ ଚିତ୍ରକୂଟ ପରେ ଦଣ୍ଡକାରଣ୍ୟ, ତା' ପରେ ଲଙ୍କା ଏବଂ ସର୍ବଶେଷରେ ଅଯୋଧ୍ୟାରେ ରାମରାଜ୍ୟ ପ୍ରତିଷ୍ଠା ହୋଇଛି। କ୍ରମ ହେଉଛି ଏଇଆ– ପ୍ରଥମେ ଚିତ୍ତ, ପରେ ମନ, ତା' ପରେ ଅହଂକାର ଏବଂ ଶେଷରେ ବୁଦ୍ଧି। ପରିବର୍ତ୍ତନଟା ଏହି କ୍ରମରେ ହୁଏ।

କିନ୍ତୁ ରାଜା ଦଶରଥ କ୍ରମଟିକୁ ଭୁଲ୍ କରି 'ବୁଦ୍ଧି' ରୂପୀ ଅଯୋଧ୍ୟାରେ ରାମରାଜ୍ୟ ସ୍ଥାପନ କରିବା ପାଇଁ ଲାଗି ପଡିଲେ। ହେଲେ ଫଳ କ'ଣ ମିଳିଲା ? ନା, ମନ୍ଥରା ବାହାରିପଡିଲା। କୈକେୟଙ୍କୁ ମାଧ୍ୟମ କରି ତାଙ୍କ ବୁଦ୍ଧିକୁ ଭ୍ରଷ୍ଟ କରିଦେଲା। କାରଣ ବୁଦ୍ଧି ସବୁବେଳେ ପରିବର୍ତ୍ତନ ଶୀଳ। ଦୁଷ୍ଟ ଲୋକଙ୍କ ସାଙ୍ଗରେ ଦୁଷ୍ଟ ବୁଦ୍ଧି ଏବଂ ସାଧୁଙ୍କ ସଙ୍ଗ ଲାଭ କଲେ ସାଧୁ ବୁଦ୍ଧି ଉଦୟ ହୋଇଥାଏ। ବୁଦ୍ଧି ସବୁବେଳେ ଅସ୍ଥିର। କିନ୍ତୁ 'ଚିତ୍ତ' ରୂପୀ ସୁଦୃଢ ଭିତ୍ତିଭୂମି ଉପରେ ଠିଆ ହେଲେ ହେଁ 'ବୁଦ୍ଧି' ସ୍ଥିର ହେବ। ଦେଖୁନାହାନ୍ତି ପାଠକେ, ବନବାସ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ ପ୍ରଭୁ ଶ୍ରୀରାମ। ତା' ପରେ ରାମରାଜ୍ୟର ମୂଳଦୁଆ ପଡିଲା। ସେତେବେଳେ କିନ୍ତୁ କିଛି ବିଘ୍ନ ଆସିନି। କାରଣ 'ଚିତ୍ତ'ରେ ପୂର୍ବରୁ ରାମରାଜ୍ୟ ସ୍ଥାପନ ହୋଇସାରିଥିଲା। ତେଣୁ ଚିତ୍ତ ହିଁ ମୂଳ। ଆପଣମାନେ 'ମନବୋଧ ଚୌତିଶା'ରେ ଏକ ସୁନ୍ଦର ପଦ ଥିବାର ଶୁଣିଥିବେ। ତାହା ହେଉଛି– ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର। ଚିରି ଭିତରେ ଦେଖ କି ନାରଖାର। ଚର୍ମ ବେଢିଛି ସିନା ଚୌରାଅଶୀକୁ। ଚିତ୍ତ ତୁ ଦିଅ ନୀଳଗିରିବାସୀଙ୍କୁ।

ରେ ମଣିଷ ! ମନ, ବୁଦ୍ଧି କି ଅହଂକାର ନୁହେଁ। ତୋର 'ଚିତ୍ତ'କୁ ନୀଳଗିରିବାସୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଲଗା। ଉଦ୍ଧାର ପାଇଯିବୁ।

*–ଦିବ୍ୟାଲୋକ ସନ୍ଧାନେ*

*ରାମନଗର, ତେଲେଙ୍ଗାପେଣ୍ଠ, କଟକ*

## ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...

ଗ୍ରାମର ଅନ୍ୟ ଛୋଟ ପିଲାମାନେ ବି ସ୍କୁଲକୁ ନ ଯାଇ ଘରେ ରହୁଥିଲେ। ତା' ପରେ ଗ୍ରାମବାସୀମାନେ ଏକ ଅସ୍ଥାୟୀ କାଠପୋଲ ନିର୍ମାଣ କରି ଯିବାଆସିବା କଲେ। ତେବେ ଏହି ଅସ୍ଥାୟୀ କାଠପୋଲ ଭରସାରେ କେତେ ଦିନ ଗ୍ରାମବାସୀ ରହିବେ। ବର୍ଷା ହେଲେ କେତେବେଳେ ଏହି କାଠ ପୋଲଟି ଭାସିଯିବ ସେ ନେଇ ସବୁବେଳେ ଗ୍ରାମବାସୀ ଚିନ୍ତାରେ। ସ୍ଥାୟୀ ପୋଲ ନିର୍ମାଣ ନେଇ ବାରମ୍ବାର ଜିଲା ପ୍ରଶାସନରେ ଗୁହାରି କଲେ ବି କିଛି ଫଳ ମିଳି ନ ଥିଲା। ଏଭଳି ସମୟରେ ଗ୍ରାମ ନିକଟରେ ଥିବା ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ ପାଇଁ ରାଜ୍ୟ ଜଳସଂପଦ ସଚିବ ପ୍ରଦୀପ କୁମାର ଜେନା ଆସିଥିବାବେଳେ ଅଞ୍ଜଳି ସାହସ ବାନ୍ଧି ବିଭାଗୀୟ ସଚିବଙ୍କ ଆଗରେ ବ୍ରିଜ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲା। ଆପଣଙ୍କ ଭଳି ବହୁ ବଡ ଅଧିକାରୀ ଆମ ଗ୍ରାମକୁ ଆସୁଛନ୍ତି। କିନ୍ତୁ ଆମ ଗ୍ରାମବାସୀଙ୍କ ଦୁଃଖ କିଏ ବୁଝୁନାହାନ୍ତି। ଆମମାନଙ୍କର କ'ଣ ବଞ୍ଚିବାର ଅଧିକାର ନାହିଁକି ବୋଲି ସଚିବଙ୍କୁ କହିଥିଲେ। ସେଦିନ ଅଞ୍ଜଳିର ଏତିକି କଥା ସଚିବଙ୍କ ମନକୁ ତରଳେଇଥିଲା। ସେ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଇଥିଲେ ଏଠାରେ ବ୍ରିଜ ନିର୍ମାଣ ପାଇଁ, ଯାହା କି କିଛି ମାସ ମଧ୍ୟରେ ଶେଷ ହୋଇଥିଲା। ପରେ ଏହି ବ୍ରିଜର ନାମ ରଖାଯାଇଥିଲା ଅଞ୍ଜଳି ବ୍ରିଜ।


**ସେବା, ସଚେତନତାର ନାଁ ଯମୁନା:** ସତ କହିଲେ ସେବା ଟିକେ କରିବା ପାଇଁ ତ୍ୟାଗ ସହ ସେବାର ମନ ଟିଏ ଲୋଡ଼ା। ଯାହା ପ୍ରମାଣ କରି ଦେଖାଇଛନ୍ତି ଯମୁନା ମଣି ସିଂ। ଆଦିବାସୀ ଅଧୁଷିତ ଦୁର୍ଗମ ଅଞ୍ଚଳରେ




ଅନ୍ଧବିଶ୍ୱାସ ଦୂର କରିବା ସହ ମ୍ୟାଲେରିଆ ରୋଗରୁ ମୁକ୍ତି ପାଇଁ ଡାକ୍ତରଖାନା ଯାଇ ଚିକିତ୍ସିତ ହେବାକୁ ଲୋକଙ୍କୁ ସଚେତନ କରାଇବାର ଶ୍ରେୟ ଯାଏ ଯମୁନାଙ୍କୁ। ଏହା ସହ କରୋନା ମହାମାରୀରୁ ରକ୍ଷାପାଇବା ପାଇଁ ଜନ ସଚେତନତା କାର୍ଯ୍ୟରେ ଏବେ ସେ ଲାଗିଛନ୍ତି। ଯମୁନାଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ସଜନାଗଡ଼ ଗ୍ରା.ପ.ର ଶିଆଳଘାଟି ଗାଁରେ। ସେ କୁହନ୍ତି, ମୁଁ ନବମ ଯାଏ ପଢ଼ିଛି। ୨୦୦୩ ମସିହାରେ ଆମ ଗାଁରେ ଦେବେନ୍ଦ୍ର ସିଂଙ୍କ ସହ ମୋର ବିବାହ ହୁଏ। ଘରେ ମୋର ଛୋଟ ପୁଅଟିଏ। ଆମେ ପରିବାର ଚଳାଇବା ପାଇଁ ମୂଲ ଲାଗୁଥିଲୁ। ୨୦୧୦ ମସିହାରେ ଆଶା କର୍ମୀ ଭାବେ ଟ୍ରେନିଂ ପାଇ ଲୋକଙ୍କ କାମ କରିବାର ସୁଯୋଗ ମିଳିଲା। ଆମ ଆଦିବାସୀ ଅଞ୍ଚଳରେ ଲୋକଙ୍କ ଦେହ ଅସୁସ୍ଥ ହେଲେ ସେମାନେ ସାଧାରଣତଃ ଝଡା ଫୁଙ୍କା ଆଦିର ସାହାରା ନେଇଥାନ୍ତି। ଯାହାଫଳରେ ଉପଯୁକ୍ତ ଚିକିତ୍ସା ନ ପାଇ ଅଧିକାଂଶ ଲୋକ ମୃତ୍ୟୁବରଣ କରନ୍ତି। ଏପରି କି ମ୍ୟାଲେରିଆ ଜ୍ୱର ହେଲେ ବି ସେମାନେ ଝଡ଼ାଫୁଙ୍କାର ଆଶ୍ରୟ ନିଅନ୍ତି, ଯାହାଫଳରେ ଅଧିକାଂଶ ଲୋକଙ୍କର ମୃତ୍ୟୁବରଣ ହୁଏ। ତେଣୁ ଏ ସମ୍ପର୍କରେ ମୁଁ ଚିନ୍ତା କଲି ପ୍ରଥମେ ଲୋକଙ୍କୁ କୌଣସି ପ୍ରକାରରେ ସଚେତନ କରାଇବି। ଏଥିପାଇଁ ପ୍ରଥମେ ଲୋକଙ୍କୁ ଡାକ୍ତରଖାନା ସମ୍ପର୍କରେ ବୁଝାଇ ଥିଲି। ପ୍ରଥମେ ତ କେହି ମାନି ନ ଥିଲେ ତା'ପରେ ଡାକ୍ତରଙ୍କ ଔଷଧ ଖାଇ ଭଲ ହୋଇଯିବାରୁ ସେମାନଙ୍କର ମୋ ଉପରେ ବିଶ୍ୱାସ ବଢିଲା। ଗାଁରେ ମହିଳା ଓ ଯୁବକମାନଙ୍କ ସହଯୋଗରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ପାଇଁ କାମ ଆରମ୍ଭ କଲି। ପ୍ରତିଦିନ ପାଦରେ ଚାଲି ଚାଲି ପାଖ ଗାଁକୁ ଯାଇ ମା' ଶିଶୁ ଓ ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାରୀ ଯୋଜନା କଥା କହିଥାଏ। କେବେ କେବେ ନିକଟ ପାହାଡି ଗାଁକୁ ସାଇକେଲ ନେଇ ଯାଇଥାଏ। କରୋନା ମହାମାରୀ ବିପଦରୁ ସମସ୍ତେ କିପରି ନିଜକୁ ସୁରକ୍ଷିତ ଭାବେ ରହିପାରିବେ ସେଥିପାଇଁ ସରକାରଙ୍କ କଥା ଡାକ୍ତରଙ୍କ କଥା କହି ଲୋକଙ୍କୁ ସଚେତନ କରାଉଛି। ଆଶାକର୍ମୀ ଭାବେ ଲୋକଙ୍କ ସେବା କରିବାରେ ଆନନ୍ଦ ମିଳେ ଲୋକଙ୍କ ଭଲପାଇବା ମତେ ଖୁବ୍ ନିଜର ଲାଗେ। ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ସ୍ଥାନ ପାଇଥିବାରୁ ମତେ ବହୁତ ଖୁସି ଲାଗିଥିଲା ଓ ପ୍ରେରଣା ମିଳିଥିଲା। ଲୋକମାନଙ୍କୁ ସଚେତନ କରାଇପାରିଲେ ହିଁ ମୋର ଆନନ୍ଦ।

**–ରୋଜାଲିନ**

**ଅମିତାଭ ବେହେରା, କୋରାପୁଟ**



# ଜନ୍ ଯାହା ଚାହୁଁଥିଲେ...

ବେଳେବେଳେ ଖୋଜିଲା ଚିଜ ସହଜରେ ମିଳିଯାଇଥାଏ। ଦେଖୁନାହାନ୍ତି ବେଶ୍ କେତୋଟି ସିନେମାରେ ନାୟକ ସାଜିବା ପରେ ଏବେ ସେ ଏକ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବେ। କଥା କ'ଣ କି ମଡେଲ୍-କମ୍-ଆକ୍ଟର ଜନ୍ ଆବ୍ରାହମ୍ ଖୁବ୍ ଶୀଘ୍ର ନେଗେଟିଭ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ପୁଣି କାହା ଅପୋଜିଟ୍‌ରେ ସେ ଏପରି ଭୂମିକାରେ ଅବତୀର୍ଣ୍ଣ ହେବେ ଜାଣନ୍ତି ? ଶାହରୁଖଙ୍କ ବିପକ୍ଷରେ ସେ ଖଳନାୟକ ସାଜିବେ। ଚଳଚ୍ଚିତ୍ରଟି ହେଲା 'ପଠାନ୍'। ଏ ନେଇ ଜନ୍ କହନ୍ତି, 'ଏପରି ଏକ ଭୂମିକାକୁ କିପରି ତୁଲାଇବି ତାହା ଭାବୁଛି। ହେଲେ ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି। କାରଣ ଜଣେ ଅଭିନେତା ଭାବରେ ଯେଉଁ ଭୂମିକାଟି ମିଳିବ ତାହାକୁ ସୁଚାରୁ ଭାବରେ ତୁଲାଇବାର ଦକ୍ଷତା ରହିବା ଦରକାର।' ଏହି ଫିଲ୍ମ ଉପରେ ଅନେକ ଭରସା ରଖିଛନ୍ତି ଶାହରୁଖ। ଗତ କିଛିବର୍ଷ ଧରି ତାଙ୍କ ଅଭିନୀତ ସିନେମାଗୁଡ଼ିକ ଫ୍ଲପ୍ ହେଉଛି। ତେଣୁ 'ପଠାନ୍' ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଏହି ଅଭିନେତା।

# ସମୟାନୁବର୍ତ୍ତୀ ବାଣୀ

ବାଣୀ କପୁରଙ୍କ ସମୟାନୁବର୍ତ୍ତିତାକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ କି ସେ ଅଭିନୟ କରୁଥିବା ଏକ ଅନ୍‌ଟାଇଟଲ୍ଡ ଫିଲ୍ମର ଶୁଟିଂ ଏବେ ଚାଲୁ ରହିଛି। ଶୁଟିଂ ସେଟ୍‌ର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପହଞ୍ଚି ଯାଉଛନ୍ତି ବାଣୀ। ପୁଣି ଶଟ୍ ଦେବା ସମୟରେ ସେ ଏତେ ସତର୍କ ରହୁଛନ୍ତି ଯେ ବାରମ୍ବାର କଟ୍ ହେଉନାହିଁ। 'ବର୍ତ୍ତମାନ କୋଭିଡ୍ ନିୟମକୁ ଅନୁସରଣ କରି ଶୁଟିଂ ଚାଲିଛି। ମୋ ପାଇଁ ଯେମିତି ଶୁଟିଂ ଲେଟ୍ ନ ହେବ ସେଥିପାଇଁ ମୁଁ ବେଶ୍ ସଚେତନ। ତେଣୁ ଶୁଟିଂ ଆରମ୍ଭ ହେବାର ଢ଼େର ସମୟ ପୂର୍ବରୁ ମୁଁ ନିର୍ଦ୍ଧାରିତ ଶୁଟିଂ ଲୋକେସନରେ ପହଞ୍ଚିଯାଉଛି। ଏବେ ଆମ ୟୁନିଟ୍ ଚଣ୍ଡୀଗଡରେ ରହିଛି। ଏଠାରେ ଆହୁରି ଦୁଇ ସପ୍ତାହ ଶୁଟିଂ ଚାଲିବ। ମୋ ଆକ୍ଟିଂ କ୍ୟାରିୟରରେ ମୁଁ ସବୁବେଳେ ଟାଇମିଂକୁ ଗୁରୁତ୍ୱ ଦିଏ। କାରଣ ଆମ ସମସ୍ତଙ୍କ ପାଇଁ ସମୟର ମୂଲ୍ୟ ବହୁତ ବଡ। ଏବେ ତ ଏହି ଟାଇଟଲ ଦିଆଯାଇ ନ ଥିବା ଫିଲ୍ମର ଶୁଟିଂ ଚାଲିଛି। ଏହାବ୍ୟତୀତ ଆଉ ୨-୩ଟି ଅଫର ମୋ ହାତରେ ରହିଛି।' ଅଭିଷେକ କପୁରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା।



# ଅଡୁଆରେ ପଡିଛନ୍ତି ତାରା

କଥାରେ ଅଛି ଏଣୁ ମାରିଲେ ଗୋହତ୍ୟା, ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଦେଖୁନାହାନ୍ତି, ଅଫରଟିକୁ ହାତଛଡା କରିବେ କି ନାହିଁ, ସେ ନେଇ ଶେଷ ନିଷ୍ପତ୍ତି ନେଇପାରୁନାହାନ୍ତି। କାରଣ ଏଥିରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ତାଙ୍କର କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛନ୍ତି ସେ । ହେଲେ ସେଥିରେ ଗୋଟିଏ କଥା ରହିଯାଇଛି, ଯାହାକୁ ନେଇ ଦୋଛକିରେ ପଡିଯାଇଛନ୍ତି ତାରା। ଏ ସମ୍ପର୍କରେ ସେ କହନ୍ତି, ''ମୋତେ ନିକଟରେ ଏକ ଅନ୍‌ଟାଇଟଲଡ୍ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ମିଳିଛି। ଏହାର କାହାଣୀ ଏବଂ ଏଥିରେ ମୋ ଭୂମିକା ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ସେଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ଯାହା ମୋର ଟେନସନ ବଢ଼ାଇ ଦେଇଛି। ତେଣୁ ଏହି ଅଫରଟିକୁ ଗ୍ରହଣ କରିବି ନା ମନା କରିଦେବି ସେ ନେଇ ଦୋଛକିରେ ପଡିଯାଇଛି। ଯାହା ହେଲେ ବି ମୋତେ ଏ ସମ୍ପର୍କରେ ଶେଷ ନିଷ୍ପତ୍ତି ନେବାକୁ ପଡିବ। ସେଥିପାଇଁ ମୋତେ ପ୍ରଯୋଜକ ଦୁଇ ସପ୍ତାହ ସମୟ ଦେଇଛନ୍ତି।'' ତେଣୁ ଏପରି ସମସ୍ୟାକୁ ତାରା କିପରି ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ସଜବାଜ ହେଉଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ସଜବାଜ ହେଉଛନ୍ତି। ଅଫର ମିଳିବା ମାତ୍ରେ ତାହାକୁ ତର୍ଜମା କରି ପୁଣି ଥରେ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ କରିବେ। ହଲିଉଡ୍ ମୁହାଁ ହେବା ପରେ ସେ ବିଦେଶରେ ଘରସଂସାର କରିସାରିଛନ୍ତି। ଗତ କିଛି ବର୍ଷ ହେବ ସେ ହିନ୍ଦୀ ସିନେମାଠାରୁ ଦୂରେଇ ଯାଇଛନ୍ତି। ଏପରି କେତୋଟି ଅଫର ମିଳିଥିଲେ ମଧ୍ୟ ପୂର୍ବରୁ ସେ ଏହାକୁ ରେଡ୍ ସିଗନାଲ ଦେଖାଇସାରିଛନ୍ତି। ଏ ନେଇ ସଫେଇ ଦେଇ ପ୍ରିୟଙ୍କା କହନ୍ତି, 'ହଲିଉଡ୍‌ରେ ଏଣ୍ଟ୍ରି କରିବା ପରେ ମୋ ହାତରେ ବ୍ୟାକ୍-ଟୁ-ବ୍ୟାକ୍ ଅଫର ଥିଲା। ତେଣୁ ସେଗୁଡିକ ହାତଛଡା କରିବାକୁ ଚାହୁଁ ନ ଥିଲି। ଅବଶ୍ୟ ଗତ ବର୍ଷ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ମୋତେ କେତୋଟି ନାମୀ ବ୍ୟାନର ପକ୍ଷରୁ ଅଫର ଦିଆଯାଇଥିଲା। ହେଲେ ମୋ ପାଖରେ ଡେଟ୍ ନ ଥିଲା। ହେଲେ ଏଣିକି ମୋତେ ବାଲାନ୍ସ କରି ଚାଲିବାକୁ ପଡିବ। ବଲିଉଡ୍ ମୋତେ ଯେଉଁ ନେମ୍ ଫେମ୍ ଦେଇଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଅସଲ କଥା ହେଲା ବଲିଉଡ୍‌ରେ ପୁଣି ଥରେ ଏଣ୍ଟ୍ରି କରିବା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। ବାସ୍ କେବଳ ଅଫରକୁ ଅପେକ୍ଷା।' ତେବେ ପ୍ରିୟଙ୍କାର ଏହି ଆଶା କେବେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ତ୍ରିସ୍ତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ମେକଅପ୍: ପ୍ରଶାନ୍ତ

YouTube Dharitri Live

# ହାଃ ହାଃ

## ଭୁଲ୍ ଭାବନା

ମିସ୍ ପିଲାଙ୍କୁ– ମୁଁ ତୁମକୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳ ସମ୍ପର୍କରେ ଗୋଟେ ଉଦାହରଣ ଦେଉଛି। ତମେମାନେ ବି ମତେ ଗୋଟେ ଗୋଟେ ଉଦାହରଣ ଦେବ।

ପିଲା– ହଁ, ମିସ୍।

ମିସ୍– 'ମୁଁ ସୁନ୍ଦର ଥିଲି, ଅଛି ଓ ସୁନ୍ଦର ରହିବି।' ଏବେ ମଣ୍ଟୁ ତୁ କହ।

ମଣ୍ଟୁ– ଏଇଟା ଆପଣଙ୍କର ଭୁଲ ଭାବନା ଥିଲା, ଅଛି ଓ ଆଗକୁ ମଧ ରହିବ।

## ପେପର

ମାଲିକ ଚାକରକୁ– ଟିକେ ୧୦ ତାରିଖ ପେପର୍‌ଟା ଆଣିଲୁ।

ଚାକର– ହଉ ବାବୁ। ଅନେକ ସମୟ ଖୋଜିବା ପରେ ୨ଟା ପେପର୍ ଆଣି ମାଲିକଙ୍କୁ ଦେଲା।

ମାଲିକ–ଇଏ କ'ଣ ? ମୁଁ ତତେ ୧୦ ତାରିଖ ପେପର୍ ଆଣିବାକୁ କହିଥିଲି। ହେଲେ ତୁ ଅଲଗା ଅଲଗା ତାରିଖର ଦୁଇଟା ପେପର ଆଣିଛୁ।

ଚାକର– କଥା କ'ଣ କି ମୁଁ ୧୦ ତାରିଖର ପେପର୍ ପାଇଲିନି। ସେଥିପାଇଁ ୪ ତାରିଖ ଓ ୬ ତାରିଖର ପେପର୍ ଆଣିଦେଇଛି। ମିଶେଇକି ପଢି ଦିଅନ୍ତୁ।

## ଆଇପିଏଲ୍

ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ ଫୋନ୍ କରି– ଜାନୁ, କ'ଣ କରୁଛ ?

ବୟଫ୍ରେଣ୍ଡ– ଆଇପିଏଲ୍ ଦେଖୁଛି।

ଗର୍ଲଫ୍ରେଣ୍ଡ– ମୁଁ କିନ୍ତୁ ଦେଖେନା।

ବୟଫ୍ରେଣ୍ଡ – କାହିଁକି ?

ଗର୍ଲଫ୍ରେଣ୍ଡ– କାହିଁକି ନା, ସେଥିରେ ଇଣ୍ଡିଆ ସବୁବେଳେ ହାରିଥାଏ।

ବୟଫ୍ରେଣ୍ଡ– ହଉ ଫୋନ୍ ରଖ। ଆଉ 'ଛୋଟା ଭିମ୍' ଯାଇ ଦେଖ୍। ସେଥିରେ ଛୋଟା ଭିମ୍ ସବୁବେଳେ ଜିତିଥାଏ।



# ନିନାଦ

ଆବବୋଧର ଆୟୁଷ କମ ପଡ଼ିଯାଏ ବୁଝିବାକୁ ଦେବୀର ହୃଦୟ !........

ରାତ୍ରିର କାଳିମା ଯଦି ଜୋରଜବରଦସ୍ତ ବୋଳିଦିଆଯାଏ ତେବେ ସେ ହୁଏ ଅତ୍ୟାଚାର , ବଳାତ୍କାର, ବ୍ୟଭିଚାର,କିନ୍ତୁ ଯେବେ ଇଚ୍ଛାକୃତ ଭାବେ ମଖାଯାଏ ସେ ହୁଏ କେବେ ଆବଶ୍ୟକତା ତ ପୁଣି କେବେ ଅସହାୟତା ।

ଆଜି ପ୍ରଥମଥର ନିଜକୁ ସ୍ୱେଚ୍ଛାକୃତ ଭାବେ ସେଇ ଅଗ୍ନିରେ ନିକ୍ଷେପ କରୁଥିବା ସୁଲଗ୍ନା କିନ୍ତୁ ଏସବୁ କିଛି ଭାବୁ ନ ଥିଲା । ତା' ଭିତରେ କେବଳ ଥିଲା ଏକ ଅନବଦ୍ୟ 'ନିନାଦ' ଅପତ୍ୟର ସୁରକ୍ଷା ହିଁ ମାତୃତ୍ୱର ସନ୍ତକ ।' ଏକମାତ୍ର ପିଲାଟିକୁ ମୃତ୍ୟୁ ଶଯ୍ୟାରୁ ଫେରେଇ ଆଣିବା ପାଇଁ ଏମିତି ହଜାରେ ଅଗ୍ନିପାରାବାର ଲଙ୍ଘି ଯିବାରେ ଦ୍ୱିଧା ନାହିଁ ।

ଜଗଜ୍ଜନନୀ ଯେ ସନ୍ତାନ ପାଇଁ ବିବସ୍ତ୍ରା ହୋଇ ଉଦ୍ଧାରୀ ଥିଲେ ସଂସାର !.....

**-ସୌମ୍ୟା ଶୁଭଦର୍ଶିନୀ,** ଡି-୨୧୫, ସିଡିଏ, ସେକ୍ଟର ୬,କଟକ
ମୋ-୭୦୦୮୭୬୮୩୦୪

# କାଶତଣ୍ଡୀ

କାଶତଣ୍ଡୀର
ଲୋଭନୀୟ ରୂପ
ଥରେ ନୁହେଁ ବହୁବାର
ପ୍ରଲୁବ୍ଧ କରିଛି,
ମୋ ଚେତନ
ଅବା ଅବଚେତନରେ
ତନୁ ମନ
ଆବୋରି ବସିଛି ।

ଅଶିଣର
ମୁକ୍ତାବିନ୍ଦୁ ପରି
ଶିଶିରର ଝର,
ଝରିଯାଏ ମୋ ପ୍ରିୟାର
ତନୁଲତା ଦେଇ
ପ୍ରୀତିର ନିର୍ଝର ।

ସ୍ୱର୍ଣ୍ଣିତ ଛାତି ନେଇ
ନଦୀପଠା ପରେ
ଦୋହଲାଏ ମନ,
ତୁମକୁ ଦେଖିଲା ପରେ
ଚେତନାରେ ଅଗ୍ନିର ସ୍ଫୁଲିଙ୍ଗ
ସୃଜନରେ ଶବ୍ଦର ଚିନ୍ତନ ।

ଶିଶିରସିକ୍ତ
ରୂପବତୀ ଷୋଡଶୀର
ଦିବ୍ୟ ଆଭୂଷଣ,
ଅଙ୍ଗେ ଅଙ୍ଗେ ରଜତର
ବିବିଧବର୍ଣ୍ଣୀ ମସୃଣ
ଧରିତ୍ରୀର ପାଦର କଙ୍କଣ ।

ପ୍ରକୃତିର କୋଳେ ତୁମେ
ଶରତର ଶୋଭା
କବିର ପ୍ରେୟସୀ ପରି
ରୂପ ମନଲୋଭା ।

ଶରତରେ ଶିଶିରର ବର୍ଣ୍ଣୋତ୍ସବ ପରି
ମାତୃ ଆବାହନେ ତୁମେ ସରଗର ପରୀ ।

**-ଭରତ ଚନ୍ଦ୍ର ଦାଶ**
*ସାରସ୍ୱତ ନିବାସ,*
*ଗୌଡଦିଆ,ସିମୁଳିଆ, ବାଲେଶ୍ୱର*
*ଭ୍ରାମ୍ୟଭାଷ - ୯୪୩୭୩୭୨୧୬୬*

# ସଶକ୍ତୀକରଣ

ସେ ହୀନସ୍ତା ହୁଏ
କେତେ ବାଗରେ ହୁଏ ଲୁଣ୍ଠିତା
ତେବେ ସେ ଜାଣେ
କେମିତି ନିଜ ମେରୁଦଣ୍ଡ ସଜାଡି
ଦାଣ୍ଡରେ ଠିଆ ହେଇ ହୁଏ
ମୋହର ଲଗାଇ ହୁଏ ମଥାରେ
ଅଭିଧାନରୁ କାଢି ଶବ୍ଦ 'ଜଗତଜିତା'

ତା'ର ଲୋଡା ନାହିଁ କେଉଁ
ଦେବତାର ବର କି ଅସୁରର ବଳ
ସେ ନିଜକୁ ସଜାଡିବାର
ଜାଣିଛି ସମସ୍ତ କୌଶଳ

ତାକୁ ଜଣା ନିଜକୁ କେମିତି
କରିହୁଏ ରୂପାନ୍ତରିତ ଶକ୍ତିରୁ ବ୍ୟକ୍ତିରେ
ସେ ଚଳିପାରେ ଖାପ ଖୁଆଇ ନିଜକୁ
ଦୁନିଆର ସବୁ ଲେଖା ଅଲେଖା ଚୁକ୍ତିରେ

ସେ ନିଜେ ଫିଙ୍ଗିଦେବ
ସବୁ ଶୃଙ୍ଖଳ ଆରକ୍ଷଣର
କିଛି ସମୟ ପାଇଁ ହେଉ ପଛେ
ତାକୁ ଯଦି ମାନୁଛ 'ଶକ୍ତିରୂପା '
ତେବେ କାହିଁକି ଏ ପ୍ରହସନ
ନାରୀ 'ସଶକ୍ତୀକରଣ'ର !!

**-ନବଜ୍ୟୋତି ରାୟ**
*ମାର୍ଫତ-ଡା. କର୍ଣ୍ଣ ନାୟକ*
*କେନ୍ଦ୍ରାପଡା*
*ମୋ-୯୪୩୭୩୧୫୨୩୦*





ବ୍ୟାକ୍ ପେଜ୍







# ମଡେଲ୍ ଭାଲୁ

ମୋଟା, ପତଳାଠୁ ଆରମ୍ଭ କରି କଳା, ଗୋରା ଏମିତି କି ଅଜବ ଦେଖିବାକୁ ଥିବା ମଡେଲ ସମ୍ପର୍କରେ ଜାଣିଥିବେ। ତେବେ ଜାଣନ୍ତି କି ଏବେ ପ୍ରାଣୀମାନେ ବି ମଡେଲିଂ କଲେଣି। ନିକଟରେ ଏକ ବିରାଟ ଭାଲୁ ମଡେଲ୍‌ର ଫଟୋ ସୋସିଆଲ୍ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମଡେଲ ଭାଲୁର ନାଁ ହେଉଛି ଷ୍ଟେପାନ୍। ଏହାର ବୟସ ହେଉଛି ୨୮ ବର୍ଷ। ମାଟିଆ ରଙ୍ଗର ଏହି ବିରାଟକାୟ ଭାଲୁ ରୁଷୀୟାର ଅଟେ। ଛୋଟବେଳେ ତାକୁ ତା' ମା' ଛାଡି ଚାଲି ଯାଇଥିଲା। ଶ୍ୱେତଲାନା ଓ ୟୁରି ପାଣ୍ଟେଲିଙ୍କୋ ନାମକ ଦମ୍ପତି ତାକୁ ପୋଷ୍ୟଭାବେ ଗ୍ରହଣ କଲେ। ବେଶ୍ ଯତ୍ନରେ ପାଳିଲେ। ଏବେ ସେ ଆକାରରେ ବିରାଟକାୟ ପାଲଟିଛି। କିନ୍ତୁ ଷ୍ଟେପାନ୍ ଭାରି ସ୍ନେହୀ ଓ ମଣିଷଙ୍କୁ ବହୁତ ଭଲ ପାଏ। ରୁଷୀୟାର ପ୍ରସିଦ୍ଧ ଫଟୋଗ୍ରାଫର୍ ମିଲା ଦାନୋଭା, ଷ୍ଟେପାନ୍ ସମ୍ପର୍କରେ ଜାଣିବା ପରେ ତାକୁ ମଡେଲ୍ କରାଇବାକୁ ଚାହିଁଲେ। ଏବେ ପୃଥିବୀର ବିଭିନ୍ନ ସ୍ଥାନରୁ ମଡେଲ ଆସୁଛନ୍ତି ଷ୍ଟେପାନ୍ ସହ ଫଟୋଶୁଟ୍ କରିବା ପାଇଁ। ତାଙ୍କ ଶୁଟ୍‌ଗୁଡିକ ପ୍ରାୟତଃ ଫେୟାରୀ ଟେଲ୍ କାହାଣୀ ଉପରେ ଆଧାରିତ। ଷ୍ଟେପାନ୍ ମଡେଲଙ୍କ ସହ ବେଶ୍ ସହଜତାର ସହ ଫଟୋଶୁଟ୍ କରିଥାଏ। ଆଉ ସେଗୁଡିକୁ ଦେଖିଲେ ଯେ କେହି ପରୀ ଦୁନିଆର କାହାଣୀ ଭିତରେ ହଜିଯିବେ।

## କାର୍ଟୁନ କର୍ନର

